# ବଜ୍ରପାତ ପ୍ରତି ସାବଧାନ

OSDMA

## ବଜ୍ରପାତ ବା ବିଜୁଳି ମାରିବା ଯୋଗୁଁ ଅନେକ ଜୀବନ ହାନି ହେଉଅଛି। ଏଥିରୁ ରକ୍ଷା ପାଇବା ନିମନ୍ତେ ନିମ୍ନଲିଖିତ ଉପାୟମାନ ଅବଲମ୍ବନ କରନ୍ତୁ।


### କ'ଣ କରିବା ଉଚିତ୍ ☑


- ☑ ବଜ୍ରପାତରୁ ଘରକୁ ରକ୍ଷା କରିବା ପାଇଁ ବଜ୍ରପାତ ପ୍ରତିରୋଧକ କଣ୍ଡକ୍ଟର ଲଗାନ୍ତୁ।
- ☑ ଘଡ଼ଘଡ଼ି ଶବ୍ଦ ଶୁଣିଲେ ଖୋଲା ସ୍ଥାନରୁ ଯଥାଶୀଘ୍ର କୌଣସି ପକ୍କାଘର ଭିତରକୁ ଚାଲିଆସନ୍ତୁ।
- ☑ ମୋଟା ଚଦର ଛାତ ଥିବା ଗାଡ଼ି ଯଥା କାର୍, ବସ୍ ଆଦି ଯାନ ମଧ୍ୟ ନିରାପଦ ଅଟେ।
- ☑ ଘର ଭିତରେ ଥିବାବେଳେ ଝରକା, କବାଟ ଏବଂ କାନ୍ଥ ଠାରୁ ଛାଡ଼ିକରି ରୁହନ୍ତୁ।
- ☑ ବିଦ୍ୟୁତ୍ ପ୍ରବାହିତ ବସ୍ତୁଠାରୁ ଦୂରରେ ରୁହନ୍ତୁ।
- ☑ ନିରାପଦ ଆଶ୍ରୟସ୍ଥଳୀ ଠାରୁ ଦୂରରେ ଥିଲେ ଖାଲୁଆ ଜାଗା ଦେଖି ଯାକି ଜୁକି ହୋଇ ରହିଯାଆନ୍ତୁ। ମୁଣ୍ଡ ଓ ଦେହରୁ ଧାତୁ ତିଆରି ଜିନିଷ ଅଲଗା କରିଦିଅନ୍ତୁ। ନିଜେ ଯଥାସାଧ୍ୟ କମ୍ ଉଚ୍ଚତାରେ ରୁହନ୍ତୁ।
- ☑ ମୁଣ୍ଡ ବାଳ ଠିଆ ଠିଆ ହୋଇଗଲେ କିମ୍ବା ପାଖ ପଥର ଆଦିରୁ ପ୍ରତିଫଳିତ ଶବ୍ଦ କାନକୁ ଶୁଭିଲେ ସେ ସ୍ଥାନ ଛାଡ଼ି ଚାଲି ଯାଆନ୍ତୁ।
- ☑ ଯଦି ଗାଡ଼ି ଚଳାଉଥାନ୍ତି, ଏହାକୁ ଆସ୍ତେ ଚଳାନ୍ତୁ, ଗଛ କିମ୍ବା ଇଲେକ୍ଟ୍ରି ଲାଇନ୍ ଠାରୁ ଯଥା ସମ୍ଭବ ଦୂରରେ ରୁହନ୍ତୁ।
- ☑ ପୋଖରୀ ଅଥବା ଜଳାଶୟ ନିକଟରେ ରୁହନ୍ତୁ ନାହିଁ। ଯଦି ଆପଣ ପାଣି ଭିତରେ କିମ୍ବା ଡଙ୍ଗା ଭିତରେ ଅଛନ୍ତି ଯଥାଶୀଘ୍ର ବାହାରି ଆସନ୍ତୁ।
- ☑ ବଜ୍ରପାତର ସମ୍ଭାବନା ଦେଖାଦେଲେ ଗୃହପାଳିତ ପଶୁମାନଙ୍କୁ ବାହାରେ ନ ଛାଡ଼ି ଘର ଭିତରେ ରଖନ୍ତୁ।

### ବଜ୍ରପାତରୁ ରକ୍ଷା ପାଇବାର କୌଶଳ

ବଜ୍ରପାତ ହେଉଥିବା ସମୟରେ ଆପଣ ଯଦି ଘର ବାହାରେ ଥିବେ ଏବଂ ନିଜକୁ ଅସୁରକ୍ଷିତ ମଣୁଥିବେ, ଯଥାଶୀଘ୍ର ନଇଁ ପଡ଼ି ଆଣ୍ଠୁ ବଙ୍କା କରି ଛାତି ତଳକୁ କରି ବସି ପଡ଼ନ୍ତୁ। କେବେହେଲେ ମଧ୍ୟ ଭୂମିରେ ଚିତ୍ ହୋଇ ଶୁଅନ୍ତୁ ନାହିଁ।




### କ'ଣ ନ କରିବା ଉଚିତ୍ ☒

- ☒ ବିଦ୍ୟୁତ୍ ଚାଳିତ ଉପକରଣ ଏବଂ ତାରଯୁକ୍ତ ଟେଲିଫୋନ୍ ଓ ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତୁ ନାହିଁ।
- ☒ ଖୋଲା ଘର ବା ତମ୍ବୁ ତଳେ ଆଶ୍ରୟ ଏ ସମୟରେ ନିରାପଦ ନୁହେଁ।
- ☒ ଗଛ ତଳେ ବା ବୁଦା ନିକଟରେ ଆଶ୍ରୟ ନିଅନ୍ତୁ ନାହିଁ।
- ☒ ଘଡ଼ଘଡ଼ି ମାରୁଥିବା ସମୟରେ ଗୁଡ଼ି ଉଡ଼ାନ୍ତୁ ନାହିଁ।
- ☒ ହାତରେ ମାଛଧରା ବନିଶୀ, ଲୁହାବେଣ୍ଟ ଛତା ବା ଲୁହାଛଡ଼ ଧରନ୍ତୁ ନାହିଁ।
- ☒ କୌଣସି ଧାତୁ ତିଆରି ଜିନିଷକୁ ଛୁଅନ୍ତୁ ନାହିଁ।
- ☒ ଲୁହାଖମ୍ବ, ଲୁହାଛଡ଼ ଏବଂ ଲୁଗା ଶୁଖାଇବା ତାର ଠାରୁ ଦୂରରେ ରୁହନ୍ତୁ।
- ☒ ସାଇକେଲ୍ ଚଲାନ୍ତୁ ନାହିଁ କିମ୍ବା ଖୋଲା ଗାଡ଼ିରେ ବୁଲନ୍ତୁ ନାହିଁ।
- ☒ ଗୃହପାଳିତ ପଶୁମାନଙ୍କୁ କୌଣସି ଧାତୁଯୁକ୍ତ ପଦାର୍ଥରେ ବାନ୍ଧି ରଖନ୍ତୁ ନାହିଁ।